# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 7 May - 2026

************************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟ ନିବେଶକ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାକୁ ୪୮ ହଜାର ୩୩୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ରାଜ୍ୟ ସରକାରଙ୍କ ସୂଚନା
- ରାଜ୍ୟରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ପାଇଁ ସାତ ଶହ ଅଣସ୍ତରୀ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର
- ରାଜ୍ୟ ଓ ରାଜ୍ୟ ବାହାରେ ଥିବା ମହାପ୍ରଭୁଙ୍କ ଜମି ଚିହ୍ନଟ କରି ମହାପ୍ରଭୁଙ୍କ ଅଧୀନକୁ ଆଣିବେ ସରକାର; କହିଲେ ଆଇନମନ୍ତ୍ରୀ

ଏବଂ

- ଓଡ଼ିଶା ସହରାଞ୍ଚଳ ଗ୍ୟାସ ବଣ୍ଟନ ନୀତି-୨୦୨୬ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ

Desk

## ମୁଖ୍ୟମନ୍ତ୍ରୀ– ନିବେଶକ ସମ୍ମିଳନୀ

ଗୁଜୁରାଟ ନିବେଶକ ସମ୍ମିଳନୀ ରୋଡ୍ ସୋ’ ମାଧ୍ୟମରେ ଓଡ଼ିଶାକୁ ମୋଟ୍ ୪୮ ହଜାର ୩୩୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହାଦ୍ୱାରା ୬୭ହଜାର ୮୩୮ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜୁରାଟ ଗସ୍ତ ଶେଷ କରି ଆଜି ଓଡ଼ିଶା ଫେରୁଛନ୍ତି। ଭଦୋଦରାଠାରେ ଶିଳ୍ପପତିମାନଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ’ ଓଡ଼ିଶା ପୂର୍ବ ଭାରତର ବିକାଶର କେନ୍ଦ୍ରସ୍ଥଳୀ ଭାବେ ଉଭା ହେଉଛି । ଆସନ୍ତା କିଛି ବର୍ଷ ମଧ୍ୟରେ ପୂର୍ବଭାରତର ଅଭିବୃଦ୍ଧିରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ରାଜ୍ୟ ପୂର୍ବ ଉପକୂଳ, ସାମୁଦ୍ରିକ ବାଣିଜ୍ୟ ଏବଂ ଶିଳ୍ପ କାର୍ଯ୍ୟକଳାପର ଏକ ପ୍ରମୁଖ ଅଂଶ ପାଲଟିଛି । ମୁଖ୍ୟମନ୍ତ୍ରୀ ଗୁଜୁରାଟ ଗସ୍ତ ଅବସରରେ ଅହମ୍ମଦାବାଦ, ଭଦୋଦରା ଓ ମୁନ୍ଦ୍ରାଠାରେ ରୋଡ୍ ସୋ କରିବା ସହ ଶିଳ୍ପପତିମାନଙ୍କ ସହିତ ଓଡ଼ିଶାରେ ପୁଞ୍ଜିନିବେଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମୋଟ୍ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ୬୩ଟି ନିବେଶ ପ୍ରସ୍ତାବ ଆସିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

BBSR/R

## ରାସ୍ତା ପ୍ରକଳ୍ପକୁ ମଞ୍ଜୁରୀ

ରାଜ୍ୟରେ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ସାତ ଶହ ଅଣସ୍ତରୀ କୋଟିରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉପାନ୍ତ ଜିଲ୍ଲାରୁ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ ତଥା ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ଦଳଗାଁ–ତିଲିଆ ରାସ୍ତା ନିର୍ମାଣ ପାଇଁ ୫୨ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଚ୍ ଛକ ରାସ୍ତା ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ୧୪୬ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି।

HS

## ରଥଯାତ୍ରା- ବୈଠକ

ରାଜ୍ୟରେ ଓ ରାଜ୍ୟ ବାହାରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ଚିହ୍ନଟ କରି ମହାପ୍ରଭୁଙ୍କ ଅଧୀନକୁ ଆଣିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱରଠାରେ ମହାପ୍ରଭୁ ଜଗନ୍ନାଥଙ୍କ ଜମି ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତାରେ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ

କହିଛନ୍ତି, ମହାପ୍ରଭୁଙ୍କ ପ୍ରାୟ ୩୬ ହଜାର ଏକର ଜମିରୁ ୨୬ ପ୍ରତିଶତ ଜମି ଦଖଲରେ ରହିଛି। ଦୀର୍ଘ ସମୟ ଧରି ବସବାସ କରୁଥିବା ଲୋକଙ୍କୁ ଜମି ସେଟଲମେଣ୍ଟରେ ପ୍ରଦାନ କରାଯିବ। ଏହା ଜରିଆରେ ମହାପ୍ରଭୁଙ୍କ ପାଇଁ କର୍ପସ ଫଣ୍ଡ ଗଠନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

**- V/O -**

ଅନ୍ୟପକ୍ଷେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଆସନ୍ତାକାଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମେତ ରଥ ନିର୍ମାଣ, ପରିମଳ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ନେଇ ଆଲୋଚନା କରାଯିବ।

Nayagarh

## ପଠାଣି ସାମନ୍ତ ପ୍ଲାନେଟୋରିୟମ

ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଜ୍ଞାନୀ ପଠାଣି ସାମନ୍ତଙ୍କ ଜନ୍ମମାଟି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ୨୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଶାସନିକ ସ୍ତରରେ ପ୍ଲାନେଟୋରିୟମ୍ ନିର୍ମାଣ ନେଇ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ, ନୟାଗଡ଼ ଜିଲ୍ଲାପାଳ

ମଧୁମିତା ରଥଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଖଣ୍ଡପଡ଼ା ଗସ୍ତ କରିଥିଲେ। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସହ ଆଲୋଚନା ପରେ ୧୩ ନମ୍ବର ୱାର୍ଡ ଉମାଦେବୀ ସାହିଠାରେ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ବର୍ଷ ଡିସେମ୍ବର ୩୦ ତାରିଖରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

Desk

## ଗ୍ୟାସ ବର୍ଣ୍ଟନ ନୀତି

ରାଜ୍ୟ ସରକାର ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ନେଟଓ୍ୱର୍କ ଏବଂ ସହରାଞ୍ଚଳରେ ଗ୍ୟାସ ବର୍ଣ୍ଟନ ଭିତ୍ତିଭୂମିର ବିକାଶ ଓ ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସହରାଞ୍ଚଳ ଗ୍ୟାସ୍ ବର୍ଣ୍ଟନ ନୀତି -୨୦୨୬ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଗୃହ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

ବିକଶିତ ଓଡ଼ିଶା ଦୃଷ୍ଟିକୋଣ ଏବଂ ଦେଶର ସ୍ୱଚ୍ଛ ଶକ୍ତି ତଥା ପରିବେଶ ଅନୁକୂଳ ଇନ୍ଧନ ଭାବେ ଏହାକୁ ପ୍ରୋତ୍ସାହିତ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ। ନୀତି ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲା ପାଇଁ ୫ଟି ସହରାଞ୍ଚଳ ଗ୍ୟାସ ବିତରଣକାରୀ ସଂସ୍ଥାକୁ ଅନୁମତି ଦିଆଯାଇଛି। ଏହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ପି.ଏନ୍.ଜି. ଘରୋଇ ସଂଯୋଗ ଏବଂ ୨୭୧ଟି ସି.ଏନ୍.ଜି. ଷ୍ଟେସନ୍ ସ୍ଥାପନ ଯୋଜନା କରାଯାଇଛି। ଏଥିରେ ୫ ହଜାର ୧୦୦ କୋଟି ଟଙ୍କା ନିବେଶ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟ

ତ୍ୱରାନ୍ୱିତ କରିବା ଲାଗି ଏକକ ବାତାୟନ ମଞ୍ଜୁରୀ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାର ଏହି ପ୍ରକଳ୍ପର ଦ୍ରୁତ ବିକାଶ ଲାଗି ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପାଇପ୍ ଲାଇନ୍ ବିଛାଇବା ଅନୁମତି ଓ ତଦାରଖ ଦେୟ ଛାଡ଼ କରିଛନ୍ତି।

Desk

# ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂରକୁ ଆଜି ଏକ ବର୍ଷ ପୂରଣ ହୋଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଅପରେସନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା। ଗତ ବର୍ଷ ମେ’ ମାସ ୭ ତାରିଖରେ ଏହି ସାମରିକ ପଦକ୍ଷେପ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଶତାଧିକ ଆତଙ୍କବାଦୀ ପ୍ରାଣ ହରାଇଥିବା ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

ଶୁଣନ୍ତୁ ଏ ସମ୍ପର୍କରେ ଏକ ଉପସ୍ଥାପନା...

ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟକରି ଭାରତୀୟ ସେନା ୯ଟି ଆତଙ୍କବାଦୀ ଅଧ୍ୟୁଷିତ ଅଞ୍ଚଳ ଉପରେ ଅତ୍ୟନ୍ତ ସଂଯମ ଓ ପରିପକ୍ୱତାର ସହ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲା। ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ସଂକଳ୍ପ, ସାମରିକ କୌଶଳ ଓ ଅପରାଜେୟ ମନୋବଳର

ଏହା ଏକ ଐତିହାସିକ ନିଷ୍ପତ୍ତି । ଅପରେସନ୍ ସିନ୍ଦୂର ଭାରତର ସାମରିକ ଶକ୍ତି ଓ ରଣନୈତିକ ପ୍ରଭାବର ଏକ ଜ୍ୱଳନ୍ତ ଉଦାହରଣ ।

ନୂଆଦିଲ୍ଲୀଠାରେ ଅପରେସନ୍ ସିନ୍ଦୂରର ଏକ ବର୍ଷ ପୂର୍ତ୍ତି ଅବସରରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ନିକଟରେ ଆତଙ୍କବାଦ ବିରୁଦ୍ଧରେ ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଦୀର୍ଘଦିନ ଧରି ପାକିସ୍ତାନ ସୀମାପାର ଆତଙ୍କବାଦକୁ ରାଷ୍ଟ୍ରନୀତି ଭାବେ ଗ୍ରହଣ କରି ଆସିଛି । ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ ସହଯୋଗ ପ୍ରଦାନ କରିଥିବାରୁ ଅପରେସନ୍ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଦୃଢ଼ ଜବାବ ଦିଆଯାଇଛି ।

**- V/O -**

ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତ ଏହା ସ୍ପଷ୍ଟ କରି ଦେଲା ଯେ ଦେଶ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ସହ୍ୟ କରିବ ନାହିଁ ଏବଂ ଏହା ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବ ।

ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Nayagarh

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ଅନୁଷ୍ଠିତ ହେବ। ନୟାଗଡ଼ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବା ନେଇ ପ୍ରଚାର ପ୍ରସାର କରାଯାଉଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ପଦକ୍ଷେପ ନିଆଯାଇଛି। ଅଧିକାର ମିତ୍ର ଓ ଆଇନସେବା ପ୍ରାଧିକରଣ କର୍ମଚାରୀମାନେ ଜିଲ୍ଲାର ୮ଟି ବ୍ଲକକୁ ଯାଇ ଜନସାଧାରଣଙ୍କୁ ପ୍ରଚାରପତ୍ର ଓ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଉଥିବା ଜଣାପଡ଼ିଛି।

Nayagarh

## ଟାସ୍କଫୋର୍ସ କମିଟି ବୈଠକ

ନୟାଗଡ଼ ଜିଲ୍ଲାରେ ଶିଶୁ ବିବାହ ରୋକିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ଜିଲ୍ଲା ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଶିଶୁ ବିବାହ ନେଇ ସନ୍ଦେହ ଜନକ ଘଟଣାରେ ଉଦ୍ଧାର କାର୍ଯ୍ୟକ୍ରମ ପୂର୍ବରୁ ଶିଶୁ ସହାୟତା ନମ୍ବରରେ ଅଧିକାରୀମାନଙ୍କୁ ଜଣାଇବାକୁ ପଡ଼ିବ। ମାମଲାର ଘଟଣାବଳୀ ଓ ଉପଯୁକ୍ତ ଦଲିଲ ସହ ସମାଜ ମଙ୍ଗଳ କାର୍ଯ୍ୟାଳୟ ଜରିଆରେ ଏହାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ପଠାଯିବ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମାସିକ ବୈଠକ

ସହ ପଞ୍ଚାୟତସ୍ତରୀୟ ଟାସ୍କଫୋର୍ସ ବୈଠକ କରାଯିବା ଲାଗି ନିଷ୍ପତ୍ତି ହୋଇଛି ।

HS

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ  ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ମଧ୍ୟାହ୍ନ ସାଢ଼େ ୨ଟା ସୁଦ୍ଧା ସମ୍ବଲପୁରରେ ଦିନର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।